# Akashvani, Sambalpur

## SAMBALPURI NEWS EVENING BULLETIN

**27 July 2025- 7.02 pm- 7.12 pm.**

*********************************************

୧- ଏକବିଂଶ ଶତାବ୍ଦୀର୍ ଭାରତ୍ ନ ବିଜ୍ଞାନ୍ ନୂଆଁ ଉର୍ଜାର୍ ସହେତେ ଆଗ୍‌କେ ବଢୁଛେ- କହେଲେ ପ୍ରଧାନ୍‌ମନ୍ତ୍ରୀ ।

- ଶହେ ୨୪ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ଓଡ଼ିଶାର୍ ହସ୍ତତନ୍ତ ଶିଳ୍ପ ଆଉ ସଂକୀର୍ତନ୍‌ର କଲେ ପ୍ରଶଂସା ।

୨- ବାଲେଶ୍ୱର୍, ମୟୁର୍‌ଭଞ୍ଜ୍, ଭଦ୍ରକ୍ ସହେତେ ୬ ଟା ଜିଲ୍ଲାର୍ ବନ୍ୟା ପରିସ୍ଥିତିର୍ ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ ।

ଆଉର୍

୩- ଆଘର୍ ରାଷ୍ଟ୍ରପତି ଏପିଜେ ଅବ୍‌ଦୁଲ୍ କଲାମ୍‌ଙ୍କର୍ ପୂଣ୍ୟତିଥି ନ ଦେଶ୍‌ବାସୀ ଜନାଲେ ଶ୍ରଦ୍ଧାଞ୍ଜଳି ।

ମନ୍ କି ବାତ୍ ଏନ୍‌ଏସ୍‌ଡି

ଏକବିଂଶ ଶତାବ୍ଦୀର୍ ଭାରତ୍ ନ ବିଜ୍ଞାନ୍ ନୂଆଁ ଉର୍ଜାର୍ ସହେତେ ଆଗ୍‌କେ ବଢୁଛେ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ଆଏଜ୍

ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କରିକରି ଇନ୍‌ସ୍ପାୟର୍ ନାଁଥି ଥିବା ଅଭିଯାନ୍ ବାବ୍‌ଦେ ଆଲୋକ୍‌ପାତ୍ କରିକରି କହିଛନ୍, ଛୁଆମାନ୍‌କର୍ ଭିତ୍‌ରେ ନୂଆଁ ବିଚାର୍‌ଧାରାକେ ଇ ଅଭିଯାନ୍ ତହଁକଉଛେ । ବିଜ୍ଞାନ୍, ସଂସ୍କୃତି ବାଗିର୍ ଭିନ୍ ଭିନ୍ କ୍ଷେତ୍ରଥି ଗଲା କିଛି ଦିନ୍ ହେଲା ହେଇଥିବା ପରିବର୍ତନ୍ ଭାରତ୍‌କେ ଗର୍ବିତ୍ କରିଛେ । ଶୁଭାଂଶୁ ଶୁକ୍ଲାଙ୍କର୍ ମହାକାଶ୍ ଯାତ୍ରା ଉପ୍‌ରେ ପ୍ରଧାନ୍‌ମନ୍ତ୍ରୀ ଆଲୋକ୍‌ପାତ୍ କରିଛନ୍ ।

ଆଏବା ମାସ ୨୩ ତାରିଖ୍ ଦିନ ଜାତୀୟ ମହାକାଶ୍ ଦିବସ୍ ପାଲନ୍ କରାଯିବା । ଇଥିର୍‌ଲାଗି ନମୋ ଆପ୍ ଜରିଏ ବାର୍ତା ପଠାବାର୍‌କେ ସାଧାରଣ୍ ଲୁକ୍‌କୁ ଶ୍ରୀ ମୋଦୀ ଅନୁରୋଧ୍ କରିଛନ୍ ।

ଆଏବା ମାସ ୭ ତାରିଖ୍ ଦିନ ଜାତୀୟ ହସ୍ତତନ୍ତ ଦିବସ୍ ପାଲନ୍ କଥା ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ପ୍ରଧାନ୍‌ମନ୍ତ୍ରୀ ଇ ଅବ୍‌ସରେ ଦେଶର୍ ଭିନ୍ ଭିନ୍ ଇଲାକା ନ ହସ୍ତଶିଳ୍ପ ସଙ୍ଗେ ସାମିଲ୍ ସଫଲତାର୍ କଥାନୀ ବାବ୍‌ଦେ ଉଲ୍ଲେଖ୍ କରିଛନ୍ । ଓଡ଼ିଶାର୍ ମୟୁର୍‌ଭଞ୍ଜ୍ ନ ୬ ଶହ ୫୦ ନୁ ଅଏତ୍‌କା ଆଦିବାସୀ ମହିଳା ସନ୍ତାଳି ଶାଢ଼ୀ ବୁନୁଛନ୍ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ଇ ମହିଳାମାନେ କମାନି କର୍‌ବାର୍ ସହେତେ ସମାଜ୍ ନ ନିଜର୍ ଗୁଟେ ଖାସ୍ ପରିଚୟ ବନେଇପାରିଛନ୍ ।

(ଭଏସ୍ ଓଭର୍ - ହେଣ୍ଡଲୁମ୍)

ଗଲା ୧୧ ବଛର୍ ଭିତ୍‌ରେ ସ୍ୱଚ୍ଛ ଭାରତ୍ ମିଶନ୍ ଗୁଟେ ଜନ ଆନ୍ଦୋଲନ୍ ହେଇଛେ । ଲୋକ୍‌ମାନେ ଇତାକେ ନିଜର୍ କର୍ତବ୍ୟ

ବଲି ଭାବୁଛନ୍ ଆଉ ଇଥିହିଁ ଅସଲ୍ ଜନଭାଗିଦାରୀ ଦେଖିବାର୍‌କେ ମିଲିଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ଲୋକଗୀତ ଆଉ ପରମ୍ପରାଥି ଦେଶର୍ ବିବିଧତାର୍ ସବୁନୁ ସୁନ୍ଦର୍ ଝଲକ୍ ଦେଖିବାର୍‌କେ ମିଲ୍‌ସି ଆଉ ଇତାର୍ ଗୁଟେ ମୁଖିଆ ଅଂଶ ହେଉଛେ ଭଜନ୍ ଆଉ କିର୍ତନ୍ । ପ୍ରଧାନ୍‌ମନ୍ତ୍ରୀ ଇ ଅବ୍‌ସରେ ଓଡ଼ିଶାର୍ କେନ୍ଦୁଝର୍ ଜିଲ୍ଲାର୍ ରାଧାକୃଷ୍ଣ ସଂକୀର୍ତନ୍ ମଣ୍ଡଲୀର୍ ଉଦାହରଣ୍ ଦେଇଛନ୍ । ଭକ୍ତି ସହେତେ ଇ ସଂକୀର୍ତନ୍ ମଣ୍ଡଲୀ ପରିବେଶ୍ ସୁରକ୍ଷାର୍ ମନ୍ତ୍ର ପ୍ରଚାର୍ କରୁଛେ ଆଉ ପ୍ରମିଳା ପ୍ରଧାନ୍ ଇତାର୍ ପ୍ରେରଣା ହେଇଛନ୍ ବଲି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ ।

(ଭଏସ୍ ଓଭର୍- ସଂକୀର୍ତନ୍)

ମନ୍ କି ବାତ୍‌ଥି ପ୍ରଧାନ୍‌ମନ୍ତ୍ରୀଙ୍କର୍ ପ୍ରଶଂସା ଶୁନ୍‌ବାର୍ ଉତ୍‌ରୁ ପ୍ରମିଳା ପ୍ରଧାନ୍ ଶ୍ରୀ ମୋଦୀଙ୍କୁ ଧନ୍ୟବାଦ୍ ଜନେଇଛନ୍ । ଏନ୍ତା ଜଙ୍ଗଲ୍ ସୁରକ୍ଷା କାର୍ଯ୍ୟକ୍ରମ୍ ଆଏବା ଦିନେ ଭିଲ୍ ଜାରି ରହେବା ବଲି ପ୍ରମିଳା କହିଛନ୍ ।

(ଭଏସ୍ ଓଭର୍-ପ୍ରମିଳା ପ୍ରଧାନ୍)

ପ୍ରଧାନ୍‌ମନ୍ତ୍ରୀ ଦେଶର୍ ସଂସ୍କୃତି, ପରମ୍ପରା ଆଉ ପାଣ୍ଡୁଲିପି ମାନ୍‌କର୍ ସଂରକ୍ଷଣ୍ ବାବ୍‌ଦେ ଜୋର୍ ଦେଇଛନ୍ । ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ଆଏଜ୍ ପ୍ରଧାନ୍‌ମନ୍ତ୍ରୀ ବିଶ୍ୱ ପୁଲିସ୍ ଆଉ ଅଗ୍ନିଶମ କ୍ରୀଡ଼ାଥି ଆମର୍ ଦେଶ୍‌କେ ମିଲିଥିବା ଗୌରବ୍ ବାବ୍‌ଦେ ଆଲୋଚନା କରିଛନ୍ । ଆମେରିକା ନ ହେଇଥିବା

ଇ ପ୍ରତିଯୋଗିତାଥି ଦେଶ୍‌କେ ୬ ଶହ ଟା ପଦକ୍ ମିଲିକରି ଇତିହାସ୍ ହେଇଛେ ଆଉ ଭାରତ୍ ୭୧ ଟା ଦେଶ୍ ଭିତ୍‌ରୁ ୩ ନମ୍ବର୍ ଠାନେ ରହେବାର୍‌ଟା ଗର୍ବର୍ ବିଷେ ଆଏ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ଖେଲୋ ଭାରତ୍ ନୀତି -୨୦୨୫ ତୃଣମୂଳସ୍ତର୍ ନ ଖେଲ୍ ଭିତିଭୂମିକେ ବର୍‌କସ୍ କର୍‌ବାର୍ ସହେତେ ଖେଲାଲିମାନ୍‌କୁ ତହଁକାବା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ତିହାର୍ ବାହାର୍ ଉପ୍‌ରେ କହିକରି ପ୍ରଧାନ୍‌ମନ୍ତ୍ରୀ ନାଗ୍‌ପଂଚ୍‌ମୀ, ରାକ୍ଷୀପୁନି, ତୀଜ୍ ଆଉ ଜନ୍ମାଷ୍ଟମୀ ଲାଗି ଦେଶ୍‌ବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ ।

ମୁଖ୍ୟମନ୍ତ୍ରୀ- ମନ୍ କି ବାତ୍      ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଭୁବ୍‌ନେଶ୍ୱର୍, ମଂଚେଶ୍ୱର୍ ଶିଳ୍ପାଂଚଲ୍ ନ ଥିବା ବନବାସୀ ଆଶ୍ରମ୍ ପରିସର୍ ନ ଆଶ୍ରମ୍ ଅନ୍ତେବାସୀ ଛୁଆକର୍ ସାଙ୍ଗେ ପ୍ରଧାନ୍‌ମନ୍ତ୍ରୀଙ୍କର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଶୁନିଛନ୍ । ମୁଖ୍ୟମନ୍ତ୍ରୀ ବନବାସୀ କଲ୍ୟାଣ୍ ଆଶ୍ରମ୍ ଛୁଆକର୍ ସାଙ୍ଗେ ଇ କାର୍ଯ୍ୟକ୍ରମ୍ ଶୁନ୍‌ବାର୍ ସହେତେ ପ୍ରଧାନ୍‌ମନ୍ତ୍ରୀଙ୍କର୍ ଇ କାର୍ଯ୍ୟକ୍ରମ୍‌ର ଉଦ୍ଦେଶ୍ୟ ଆଉ ପ୍ରେରଣାଦାୟୀ ଦିଗ୍ ବାବ୍‌ଦେ ଛୁଆମାନ୍‌କୁ ବୁଝେଇଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଆଶ୍ରମ୍ ପରିସର୍ ନ ଗୁଟେ ନିମ୍ ଚାରା ଭିଲ୍ ଜଗେଇଛନ୍ ।

ମୁଖ୍ୟମନ୍ତ୍ରୀ - ସିଆର୍‌ପିଏଫ୍        ହି.ସ.

କେନ୍ଦ୍ରୀୟ ରିଜର୍ଭ ପୁଲିସ୍ ବଳ - ସିଆର୍‌ପିଏଫ୍ ର ଥାପ୍‌ନା ଦିବସ୍ ଆଏଜ୍ ପାଲନ୍ କରାଯାଉଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ସିଆର୍‌ପିଏଫ୍ ସହୀଦ୍ ଜବାନ୍ ମାନ୍‌କୁ ଶ୍ରଦ୍ଧାଞ୍ଜଲି ଜନେଇଛନ୍ । ସାମାଜିକ୍ ଗଣମାଧ୍ୟମ୍ ପୋଷ୍ଟ୍ ଜରିଏ ମୁଖ୍ୟମନ୍ତ୍ରୀ - ଦେଶର୍ ଆଭ୍ୟନ୍ତରିଣ୍ ସୁରକ୍ଷା ଆଉ ଅଖଣ୍ଡତା ରକ୍ଷା ଦିଗେ ସିଆର୍‌ପିଏଫ୍ ଜବାନ୍ ମାନ୍‌କର୍ ସମର୍ପଣ୍ ଭାବ୍‌କେ ପ୍ରଶଂସା କରିଛନ୍ ।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ସିଆର୍‌ପିଏଫ୍‌ର ବୀର୍ ଆଉ ନିଷ୍ଠାବାନ୍ ଜବାନ୍ ମାନ୍‌କୁ ଶୁଭେଚ୍ଛା ଜନେଇଛନ୍ । ଜାତିର୍ ସୁରକ୍ଷାକେ ନିଜର୍ ଧର୍ମ ଆଉ କର୍ତବ୍ୟ ଭାବେ ଗ୍ରହଣ୍ କରିଥିବାର୍‌ନୁ ଜବାନ୍ ମାନ୍‌କର୍ ଉଚ୍ଚ ପ୍ରଶଂସା କରିଛନ୍ । ଭୁବ୍‌ନେଶ୍ୱର୍‌ର ସିଆର୍‌ପିଏଫ୍ ବାଟାଲିୟନ୍ ପରିସର୍ ନ ଇ ଅବ୍‌ସରେ ଗୁଟେ ଖାସ୍ କାର୍ଯ୍ୟକ୍ରମ୍ ହେଇଯାଇଛେ ।

ମୁଖ୍ୟମନ୍ତ୍ରୀ ଜନ ଅଭିଯୋଗ୍ ଶୁଣାଣି/ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଅଶୋକ୍ ନଗର୍ ଠାନେ ଥିବା ଆଘର୍ ସର୍‌କାରୀ ପ୍ରାଥମିକ ବିଦ୍ୟାଳୟ ନ ଆଏବା କାଏଲ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଶିବିର୍ ଆୟୋଜନ୍ କରାଯିବା ।

ସଖାଲର୍ ୮ ବଜେନୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଲୁକ୍‌କର୍ ଭିନ୍ ଭିନ୍ ଅଭିଯୋଗ୍ ମାନ୍‌କର୍ ଶୁଣାଣି କର୍‌ବେ । ଇଥିର୍‌ଲାଗି ହଜାରେ ଝନ୍ ଅନ୍‌ଲାଇନ୍ ପଞ୍ଜିକରଣ୍ କରିଛନ୍ । ଅଭିଯୋଗ୍‌କାରୀ ପଞ୍ଜିକରଣ୍ ପ୍ରାପ୍ତି ପତ୍ର ଆଉ ବ୍ୟକ୍ତିଗତ ପରିଚୟ ପତ୍ର ସହେତେ ଧାରିକ୍ ସମିଆଥି ଶିବିର୍‌କେ ପୁହୁଁଚିବେ ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

କୃଷି ପ୍ରଯୁକ୍ତିବିଦ୍ୟା କର୍ମଶାଳା          ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟ କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍ ଆଉ ସୋସିଆଲ୍ ଆଲ୍‌ଫା ସହଯୋଗ୍‌ଥି ଭୁବ୍‌ନେଶ୍ୱର୍ ନ 'ଓଡ଼ିଶା ନ କୃଷି ପ୍ରଯୁକ୍ତିକେ ପ୍ରୋତ୍ସାହିତ୍ କର୍‌ବାର୍' ବାବ୍‌ଦେ ଗୁଟେ ରାଜ୍ୟସ୍ତରୀୟ ବହୁଭାଗୀ କର୍ମଶାଳା ହେଇଯାଇଛେ । କର୍ମଶାଳାଥି ପ୍ରଦର୍ଶିତ୍ ହେଇଥିବାର୍ ପ୍ରଯୁକ୍ତି ବିଦ୍ୟା ସହେତେ ଚାଷୀମାନେ ଉଦ୍ଭାବନ୍‌କେ ସିଧାସଲଖ୍ ଭାବେ ବେଭାର୍ କରିଥିଲେ । କର୍ମଶାଳାଥି ୫ ଟା କୃଷି ପ୍ରଯୁକ୍ତିବିଦ୍ୟା ଷ୍ଟାର୍ଟଅପ୍ ପ୍ରଦର୍ଶିତ୍ ହେଇଥିଲା । ଇ ପ୍ରଯୁକ୍ତିବିଦ୍ୟା ପାଇଲଟ୍ ପରୀକ୍ଷଣ୍‌ଥି ସଫଲତା ପାଇଛେ । ଇ ଅବ୍‌ସରେ ଭିନ୍ ଭିନ୍ ଜିଲ୍ଲାନୁ ଆସିଥିବା ଚାଷୀମାନ୍‌କୁ ପ୍ରଶଂସା ପତ୍ର ଭିଲ୍ ଦିଆଯାଇଥିଲା ।

ବଏଢ୍- ସମୀକ୍ଷା ବୈଠକ୍ I&PR

ରାଜ୍ୟର୍ ବଏଢ୍ ଥିତି ବାବ୍ଦେ ରାଜସ୍ୱ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ ଆଏଜ୍ ଆଭାସୀ ଜରିଏ ସମୀକ୍ଷା କରିଛନ୍ । ସୁବର୍ଣ୍ଣରେଖା ନଦୀକେ ଛାଡ଼ିକରି ବାକି ସବୁ ନଦୀର୍ ଜଲ୍ସ୍ତର୍ କମ୍‌ବାର୍‌କେ ଲାଗିଛେ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

(ଭଏସ୍ ଓଭର୍- ସୁରେଶ୍ ପୂଜାରୀ)

ରାଏଜେ ଗଲା କିଛି ଦିନ୍ ହେଲା ଲଘୁଚାପ୍‌ର ବଲେ ଲଗାୟତ୍ ବର୍ଷା ଲାଗି ବାଲେଶ୍ୱର୍, ମୟୁର୍‌ଭଞ୍ଜ୍, ଭଦ୍ରକ୍, ଯାଜ୍‌ପୁର୍, ସୁନ୍ଦର୍‌ଗଡ୍ ଆଉ କେନ୍ଦୁଝର୍ ଜିଲ୍ଲା ନ ବଏଢ୍ ଥିତି ଦେଖିବାର୍‌କେ ମିଲିଛେ । ଇଥି ୧୧ ହଜାର୍‌ନୁ ଅଏତ୍‌କା ଲୋକ୍ ପ୍ରଭାବିତ୍ ହେଇଥିବାର୍ ବେଲ୍‌କେ ୧ ହଜାର୍‌ନୁ ଅଏତ୍‌କା ଲୁକ୍‌କୁ ନିରାପଦ୍ ଜାଗା ମାନ୍‌କେ ରଖାଯାଇଛେ । ମୟୁର୍‌ଭଞ୍ଜ୍ ଆଉ ବାଲେଶ୍ୱର୍ ଜିଲ୍ଲାର୍ ୯ ଟା ଆଶ୍ରୟସ୍ଥଲ୍ ନ ବଏଢ୍ ପ୍ରଭାବିତ୍ ଲୁକ୍‌କୁ ରଖାଯାଇଛେ ।

ସମୀକ୍ଷା ବୈଠକ୍‌ଥି ଆଉ ସ୍ୱତନ୍ତ୍ର ରିଲିଫ୍ କମିଶନର୍ ଦେଓରଞ୍ଜନ୍ କୁମାର୍ ସିଂ ଙ୍କର୍ ସହେତେ ମୟୁର୍‌ଭଞ୍ଜ୍, ବାଲେଶ୍ୱର୍, ଭଦ୍ରକ୍, ଯାଜ୍‌ପୁର୍, ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ୍ ଜିଲ୍ଲାର୍

ଜିଲ୍ଲାପାଳ୍ ଆଉ ଜଲ୍‌ସମ୍ପଦ୍ ବିଭାଗ୍‌ର ସର୍ବୋଚ୍ଚ ଯନ୍ତ୍ରୀ ଉପସ୍ଥିତ୍ ଥିଲେ ।

ସୁଭଦ୍ରା- ୩ ନମ୍ବର୍ କିସ୍ତି ହି.ସ.

ସୁଭଦ୍ରା ଯୋଜ୍‌ନାର୍ ୩ ନମ୍ବର୍ କିସ୍ତି ସାହାଜ୍ ଟଙ୍କା ଆଏବା ମାସ ୯ ତାରିଖ୍ ରାକ୍ଷୀପୁନି ଦିନ ବଂଟାଯିବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । କୋରାପୁଟ୍ ଜିଲ୍ଲାର୍ ଜୟପୁର୍ ଠାନେ ୩ ନମ୍ବର୍ କିସ୍ତି ଦିଆଯିବାର୍ କାର୍ଯ୍ୟକ୍ରମ୍ ରହିଥିବାର୍ ବେଲ୍‌କେ ଇଥି ୧ କୋଟି ୨ ଲାଖ୍ ୪୦ହଜାର୍ ସୁଭଦ୍ରା ହିତାଧିକାରୀ ଲାଭ୍ ପାଏବେ ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ ।

କାଲାମ ଶ୍ରାଦ୍ଧବାର୍ଷିକୀ ଆର୍‌ଏନ୍‌ୟୁ/ ସମ୍ବଲ୍‌ପୁର୍

ଆଘର୍ ରାଷ୍ଟ୍ରପତି ଆଉ ପ୍ରଖ୍ୟାତ୍ ବୈଜ୍ଞାନିକ ଭାରତ ରତ୍ନ ଡକ୍ଟର୍ ଏପିଜେ ଅବ୍‌ଦୁଲ୍ କଲାମ୍‌ଙ୍କର୍ ଆଏଜ୍ ୧୦ ନମ୍ବର୍ ଶ୍ରାଦ୍ଧବାର୍ଷିକୀ । ଇ ଅବ୍‌ସରେ ସାରା ଦେଶ୍ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଛେ । ଭାରତ୍‌ର ମହାକାଶ୍ ଆଉ କ୍ଷେପଣାସ୍ତ୍ର ବିକାଶ୍ କ୍ଷେତ୍ରଥି ଡକ୍ଟର୍ କଲାମ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ । ଡକ୍ଟର୍ କଲାମ୍‌ଙ୍କୁ ଭାରତ୍‌ର ମିଶାଇଲ୍ ମେନ୍ - କ୍ଷେପଣାସ୍ତ୍ରର୍ ଜନକ ବଲି

ଭିଲ୍ କୁହାଯାଏସି । ୨୦୧୫ ମସିହା ଆଝିର୍ ଦିନେ ସେ ମୃତ୍ୟୁବରଣ୍ କରିଥିଲେ ।

ଡକ୍ଟର୍ କଲାମ୍ଙ୍କର୍ ପୁଣ୍ୟତିଥି ଅବ୍ସରେ ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ସୁର୍ତା କରିକରି ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ସାମାଜିକ୍ ଗଣମାଧମ୍ ଜରିଏ ପ୍ରଧାନ୍ମନ୍ତ୍ରୀ କହିଛନ୍, ଡକ୍ଟର୍ କଲାମ୍ଙ୍କର୍ ଆଦର୍ଶ ଆଏବା ପିଢ଼ି ଲାଗି ପ୍ରେରଣାଦାୟୀ ହେବା । ଭାରତ୍ରତ୍ନ ଡକ୍ଟର୍ କଲାମ୍ଙ୍କର୍ ସ୍ମୃତିଚାରଣ୍ କରିକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜନେଇଛନ୍ । ଡକ୍ଟର୍ କଲାମ୍ଙ୍କର୍ ବୈଜ୍ଞାନିକ୍ ଚିନ୍ତାଧାରା ଦେଶ୍ ଲାଗି ଗୁଟେ ବର୍କସ୍ ଉଦାହରଣ୍ ଥିଲା । ଭାରତ୍କେ ରକ୍ଷା, ଅନ୍ତରିକ୍ଷ ଆର୍ ଶିକ୍ଷାକ୍ଷେତ୍ରଥି ସେ ଗୁଟେ ନୂଆଁ ଦିଗନ୍ତ ଦେଇଥିଲେ । ତାଙ୍କର୍ ସରଳତା, ସଚ୍ଚୋଟତା ଆଉ ଦେଶ୍ପ୍ରେମ୍ ଆଏବା ପିଢ଼ିକେ ସବୁବେଲେ ପ୍ରେରଣା ଦେଉଥିବା ବଲି କେନ୍ଦ୍ରଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ ।

ହୀରାକୁଦ୍ ଆର୍ଏନ୍ୟୁ/ ସମ୍ବଲପୁର

ହୀରାକୁଦ୍ ଜଲ୍ଭଣ୍ଡାର୍ନୁ ୨୦ ଟା ଗେଟ୍ ଦେଇକରି ପାଏନ୍ ଛଡ଼ାଯାଉଛେ । ଆଏଜ୍ ସଞ୍ଜର ୬ ବଜେତକ୍ ଫି ସେକେଣ୍ଡଥି ଜଲ୍ଭଣ୍ଡାର୍କେ ୪ ଲାଖ୍ ୧୭ ହଜାର୍ ୯ ଶହ ୭ ଘନ୍ଫୁଟ୍ ପାଏନ୍ ଆସୁଥିବାର୍ ବେଲ୍କେ ୩ ଲାଖ୍ ୪୫

ହଜାର୍ ୬ ଶହ ୮୬ ଘନଫୁଟ୍ ପାଏନ୍ ଛଡ଼ା ଯାଉଛେ । ଇ ସମିଆଥି ଜଲ୍ଭଣ୍ଡାର୍ ଜଲ୍ସ୍ତର୍ ୬ ଶହ ୧୪ ଦଶ୍ମିକ୍ ୯/୫ ଫୁଟ୍ ରହିଛେ ।